# NATIONAL NEWS BULLETIN (ODIA)

**19 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତାର ବିଶ୍ୱସ୍ତରୀୟ ଯାତ୍ରାରେ ଆକାଂକ୍ଷିତ ଭାରତର ପ୍ରମୁଖ ଭୂମିକା ରହିଛି - କହିଲେ ପ୍ରଧାନମନ୍ତ୍ରୀ ।

\- ଭାରତ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କ୍ଷେତରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି - କହିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି

- ଦୁଇଦିନିଆ ଆସାମ ଗସ୍ତରେ ଯାଇ ଆସନ୍ତାକାଲି ଜାତୀୟ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ଶେଷ ସଶସ୍ତ୍ର ମାଓବାଦୀ ଆତ୍ମସମର୍ପଣ ପରେ ବିହାର ହେଲା ନକ୍ସଲମୁକ୍ତ ରାଜ୍ୟ ।

- ପାକିସ୍ତାନର କରାଚିରେ ବିସ୍ଫୋରଣ ଘଟି ଆବାସିକ କୋଠା ଭୁଶୁଡି ୧୩ଜଣ ମୃତ ।

ଏବଂ

- ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ କଲକାତାରେ ୱେଷ୍ଟଇଣ୍ଡିଜ ଓ ଇଟାଲୀ ମଧ୍ୟରେ ମ୍ୟାଚ୍ ଜାରି ।

# ପିଏମ୍-ଏଆଇ ସମିଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କୃତ୍ରିମ ବୁଦ୍ଧିମତା ଜ୍ଞାନକୌଶଳ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହେବା ଉଚିତ୍ ଏବଂ ପ୍ରତ୍ୟେକ ଦେଶ ପାଇଁ ଏହା ଲକ୍ଷ୍ୟ ହେବା ଆବଶ୍ୟକ । ଆଜି ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀର ଏକ ଅଧିବେଶନରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ମୋଦୀ କହିଛନ୍ତି କୃତ୍ରିମ ବୁଦ୍ଧିମତା ସ୍ପଷ୍ଟ ମାନବିକ ମୂଲ୍ୟବୋଧ ଓ ନିର୍ଦ୍ଦେଶାବଳୀ ଆବଶ୍ୟକ କରେ । ସେ କହିଛନ୍ତି କୃତ୍ରିମ ବୁଦ୍ଧିମତାର ବିଶ୍ୱସ୍ତରୀୟ ଯାତ୍ରାରେ ଆକାଂକ୍ଷିତ ଭାରତର ପ୍ରମୁଖ ଭୂମିକା ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯଦି ଇତିହାସକୁ ଅଧ୍ୟୟନ କରାଯାଏ ତେବେ ସବୁ ସମୟରେ ମଣିଷ ହିଁ ପ୍ରତ୍ୟେକ ପ୍ରତିବଦ୍ଧତାକୁ ନୂଆ ସୁଯୋଗରେ ପରିଣତ କରିଛି । ଆଜିର ସମାଜରେ ଲୋକମାନେ ପୁଣିଥରେ ସେହି ସୁଯୋଗର ସାମ୍ନା କରୁଛନ୍ତି । ସେ ଗୌତମ ବୁଦ୍ଧଙ୍କ ଅସିମୀତ ଜ୍ଞାନକୁ ସ୍ମରଣ କରି କହିଛନ୍ତି ସାରା ବିଶ୍ୱକୁ ବୁଦ୍ଧଙ୍କ ତତ୍ତ୍ୱ ଓ ବାଣୀ ନୂତନ ଆଲୋକ ପ୍ରଦାନ କରିଥିଲା । ବୁଦ୍ଧଙ୍କ ଅତ୍ୟନ୍ତ ଲୋକପ୍ରିୟ ବାଣୀ 'ସଠିକ୍ ଭାବରେ ବୁଝିପାରିଲେ, ସଠିକ୍ ପଦକ୍ଷେପ ନିଆଯାଇପାରେ' କୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ ।

ଆଜି ସକାଳେ ଭାରତ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀକୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ କୃତ୍ରିମ ବୁଦ୍ଧିମତାର ସାର୍ବଜନୀନ ବ୍ୟବହାର ଅନ୍ତର୍ଭୁକ୍ତି ଏବଂ ସଶକ୍ତିକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବିଶେଷକରି ଗ୍ଲୋବାଲ ସାଉଥ୍ କ୍ଷେତ୍ରରେ ଏହାର ମହତ୍ତ୍ୱ ବହୁ ଅଧିକ

ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଆମେ ଏବେ ଏଭଳି ଏକ ସମୟରେ ଉପନୀତ ହୋଇଛୁ ଯେତେବେଳେ ମଣିଷ ଏବଂ ବୁଦ୍ଧିମତା ଉଭୟ ସହଭାଗି ହୋଇ କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି ଏଆଇ କାର୍ଯ୍ୟକୁ ଅଧିକ ସ୍ମାର୍ଟ କରିବା ସହ ଅଧିକ ପ୍ରଭାବଶୀଳ ଓ ଦକ୍ଷତାପୂର୍ଣ୍ଣ କରିବ । ସାଧାରଣ ମଣିଷ ପାଇଁ ଯେଭଳି ଏଆଇ ସହଜରେ କାର୍ଯ୍ୟ କରିପାରିବ ସେ ଦିଗରେ ସମସ୍ତେ ମିଳିତ ଉଦ୍ୟମ କରିବା ଆବଶ୍ୟକ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM Demo)**

ଏଆଇ ପ୍ରଭାବ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି ଭାରତ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ସାରା ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି ୧ ଦଶମିକ ୪ ବିଲିୟନ ଲୋକଙ୍କୁ ଏହାଦ୍ୱାରା ଡିଜିଟାଲ ପରିଚିତି ମିଳିପାରିଛି । ଶ୍ରୀ ମାକ୍ରନ କହିଛନ୍ତି ଭାରତର ଡିଜିଟାଲ ଦେୟ ବ୍ୟବସ୍ଥା ପ୍ରତ୍ୟେକ ମାସରେ ୨୦ ବିଲିୟନ ଦେଣନେଣ ଅତିକ୍ରମ କରୁଥିବାବେଳେ ଦେଶର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରତିଫଳନ ସ୍ୱରୂପ ୫୦୦ ମିଲିୟନରୁ ଅଧିକ ଲୋକଙ୍କୁ ଡିଜିଟାଲ ସ୍ୱାସ୍ଥ୍ୟ ପରିଚୟ ପତ୍ର ପ୍ରଦାନ କରାଯାଇଛି ।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଭାରତର ଏହି ସମ୍ମିଳନୀକୁ ପ୍ରଶଂସା କରି କହିଛନ୍ତି, ଏଆଇ କେବଳ କିଛି ମୁଷ୍ଟିମେୟ ଦେଶ ମଧ୍ୟରେ ସୀମିତ ନରହି ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ବ୍ୟବହାର ହେବା ଉଚିତ୍ । ବିକଶଶୀଳ ଦେଶଗୁଡ଼ିକ ଏଆଇର ବିକାଶ ଓ

ପରିଚାଳନା ନିମନ୍ତେ ଏକ ବିଶ୍ୱପାଣ୍ଠି ଗଠନ ଉପରେ ଶ୍ରୀ ଗୁଟେରସ ଗୁରୁତ୍ୱ ଦେଇଛନ୍ତି ।

ଏହି ସମ୍ମିଳନୀକୁ ବିଶ୍ୱ ନେତାମାନଙ୍କୁ ସ୍ୱାଗତ କରି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଭାରତ ଏଆଇର ସମସ୍ତ ୫ଟି ସ୍ତମ୍ଭ ଉପରେ ନିରନ୍ତର କାର୍ଯ୍ୟ ଜାରି ରଖିଛି । ଏହାକୁ ନିର୍ଦ୍ଦିଷ୍ଟ ଭାବେ ସୀମିତ ନରଖି ଏକ ସାଧାରଣ ଦ୍ରବ୍ୟ ଭାବେ ସରକାର ଏହା ଉପରେ କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି ସରକାର ସାଧାରଣ କମ୍ପ୍ୟୁଟିଂ ପ୍ଲାଟଫର୍ମ ଜରିଆରେ ରିହାତି ଦରରେ ଷ୍ଟାର୍ଟଅପ, ଗବେଷକ, ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩୮ ହଜାର ଜି.ପି.ୟୁ ଯୋଗାଇ ଦେଉଛନ୍ତି । ଆଗାମୀ ଦିନରେ ଆହୁରି ୨୦ ହଜାର ଜିପିୟୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଅମିତ ଶାହା ଆସାମ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା କାଲିଠାରୁ ଦୁଇଦିନିଆ ଆସାମ ଗସ୍ତରେ ଯାଇ ଜାତୀୟ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବେ । ସମୀକ୍ଷା ସମୟରେ ସୀମାବର୍ତ୍ତୀ ଅଞ୍ଚଳର ବିକାଶ ଏବଂ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ନେଇ ମଧ୍ୟ ସମୀକ୍ଷା ହେବାର କାର୍ଯ୍ୟକ୍ରମ ରହିଛି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ବାରାକ ଉପତ୍ୟକା ଅନ୍ତର୍ଗତ ସିଲିଚରକୁ ଯିବେ । ପରେ ଭାରତ - ବାଂଲାଦେଶ ସୀମାବର୍ତ୍ତୀ କୋଟିଗୋରାହ ଅଞ୍ଚଳସ୍ଥିତ ନତନପୁର ଗ୍ରାମ ପରିଦର୍ଶନ କରିବେ । ଶ୍ରୀ ଶାହା ସେଠାରେ

ଅନୁପ୍ରବେଶ ଏବଂ ସୀମାପାର ଅପରାଧ ଆଦି ବିଷୟ ତଥା ସୀମାରେ ବାଡ ବସାଇବା କାର୍ଯ୍ୟର ସମୀକ୍ଷା କରିବେ ବୋଲି ଜଣାପଡିଛି । ଏଥିସହିତ ଶ୍ରୀ ଶାହା କାଲି ସରକାରୀ ଭାବେ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିବେ । ଏହି ଯୋଜନା ଅଧୀନରେ ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଆଧୁନିକ ଯୋଗାଯୋଗ ବ୍ୟବସ୍ଥା, ଟେଲି ଯୋଗାଯୋଗ ଓ ସମାବେଶୀ ଜୀବନଧାରଣ ସୁଯୋଗର ବିକାଶ ଘଟିପାରିବ ।

ଶନିବାର ଦିନ ଶ୍ରୀ ଶାହା ସାରୁସଜାଇ ଷ୍ଟାଡିୟମରେ ସିଆର୍‌ପିଏଫ୍‌ର ୮୭ତମ ବାର୍ଷିକ ସ୍ଥାପନା ଦିବସରେ ଯୋଗଦେବେ । ଚଳିତବର୍ଷ ଏପ୍ରିଲ ମାସରେ ଆସାମରେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଶ୍ରୀ ଶାହାଙ୍କ ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ଏହି ଅବସରରେ ଶ୍ରୀ ଶାହା ଦଳୀୟ କର୍ମକର୍ତ୍ତାଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିବେ ।

## ବିହାର-ନକ୍ସଲ ଫ୍ରି

ବିହାରକୁ ନକ୍ସଲମୁକ୍ତ ରାଜ୍ୟ ଭାବେ ଘୋଷଣା କରାଯାଇଛି । ରାଜ୍ୟର ମୁଙ୍ଗେର ଜିଲ୍ଲାର ଶେଷ ସଶସ୍ତ୍ର ମାଓବାଦୀ ସୁରେଶ କୋଡା ଆତ୍ମସମର୍ପଣ କରିବା ପରେ ବିହାରକୁ ଏହି ସଫଳତା ମିଳିଛି । ମୁଙ୍ଗେର ରେଞ୍ଜର ଡିଆଇଜି ରାକେଶ କୁମାର କହିଛନ୍ତି ଏବେ ରାଜ୍ୟର ୨୩ଟି ଜିଲ୍ଲାରେ କୌଣସି ସଶସ୍ତ୍ର ସକ୍ରିୟ ମାଓବାଦୀ ଦଳ ନାହାନ୍ତି ।

**V/O (Bihar DIG)**

ଅନ୍ୟପକ୍ଷରେ ମୁଙ୍ଗେର ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି କେନ୍ଦ୍ର ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନଃ ଥଇଥାନ ନୀତି ଅନୁଯାୟୀ ସୁରେଶ କୋଡାକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ । ସୁରେଶ କୋଡାଙ୍କ ପତ୍ନୀ ପ୍ରମିଳା ଦେବୀ ଖୁସି ଜାହରି କରି କହିଛନ୍ତି ତାଙ୍କ ସ୍ୱାମୀଙ୍କ ଆତ୍ମସମର୍ପଣ ପରେ ତାଙ୍କ ପରିବାରରେ ଆନନ୍ଦ ଫେରିଆସିଛି । ସୂଚନାଯୋଗ୍ୟ ୨୦୧୨ରେ ବିହାରର ୨୩ଟି ଜିଲ୍ଲା ମାଓ ପ୍ରଭାବିତ ଥିଲା ।

## ପିଏମ୍ – ରାମକ୍ରିଷ୍ଣ ପରମହଂସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାମୀ ରାମକୃଷ୍ଣ ପରମହଂସଙ୍କ ଜନ୍ମଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ସ୍ୱାମୀ ରାମକୃଷ୍ଣ ପରମହଂସଙ୍କ ଧ୍ୟାନକେନ୍ଦ୍ରିତ ଜୀବନ ମାନବତା ପାଇଁ ପ୍ରତ୍ୟେକ ସମୟରେ ପ୍ରେରଣାଦାୟୀ ହୋଇ ରହିଛି । ସେ କହିଛନ୍ତି ତାଙ୍କ ମୂଲ୍ୟବୋଧ ଏବଂ ବାଣୀ ସବୁଦିନେ ପ୍ରେରଣାର ସ୍ରୋତ ହୋଇ ରହିବ ।

# ଫିସରମ୍ୟାନ୍ ରିଲିଜ୍

ଶ୍ରୀଲଙ୍କା ନୌବାହିନୀ ଦ୍ୱାରା ଗିରଫ ପରେ ମୁକ୍ତ ହୋଇଥିବା ୧୧ଜଣ ମତ୍ସ୍ୟଜୀବୀ ଚେନ୍ନାଇରେ ପହଞ୍ଚିଛନ୍ତି । ସେମାନଙ୍କ ମଧ୍ୟରେ ୪ଜଣ ରାମାନାଥପୁରମ ଅଞ୍ଚଳର ହୋଇଥିବାବେଳେ ଅନ୍ୟ ୭ଜଣ ନାଗାପଟ୍ଟିନମ ଏବଂ ମଇଲା ଦୁଥୁରାଇ ଅଞ୍ଚଳର ଅଟନ୍ତି । ଗତବର୍ଷ ଜୁଲାଇ ମାସରେ ଆନ୍ତର୍ଜାତିକ ଜଳରାଶି ସୀମା ଅତିକ୍ରମ କରିଥିବା ଅଭିଯୋଗରେ ଶ୍ରୀଲଙ୍କା ନୌବାହିନୀ ସେମାନଙ୍କୁ ଗିରଫ କରିଥିଲା ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣ ହେବ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ ହେବ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଆଞ୍ଚଳିକ

ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ । ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣି ଥରେ ରାତି ୮ଟାରେ ପ୍ରସାରଣ କରାଯିବ ।

## ପାକ୍-ଗ୍ୟାସ୍ ଏକ୍ସ୍ପ୍ଲୋସନ

ପାକିସ୍ତାନର କରାଚିରେ ଆଜି ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ୧୩ଜଣଙ୍କ ମୃତ୍ୟୁ ଘଟିଛି । ସୋଲଜର ବଜାର ଅଞ୍ଚଳରେ ଏହି ବିସ୍ଫୋରଣରେ ଏକ ଆବାସିକ କୋଠା ଭୁଶୁଡି ପଡିବା ଫଳରେ ଏହି ଦୁର୍ଘଟଣା ଘଟିଛି । ଏପର୍ଯ୍ୟନ୍ତ ୧୧ଜଣଙ୍କୁ ଭଗ୍ନାବଶେଷ ମଧ୍ୟରୁ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସେଠାକାର ଅଧିକାରୀ କହିଛନ୍ତି । ସଂପୃକ୍ତ ଆବାସିକ ଅଞ୍ଚଳରେ ଗ୍ୟାସ୍ ନିରାପତ୍ତା ଏବଂ ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଏଭଳି ଘଟିଥିବା କୁହାଯାଉଛି । ଗତମାସରେ କରାଚିର ଏକ ସପିଂ ମଲ୍‌ରେ ଅଗ୍ନିକାଣ୍ଡ ଘଟି ୮୦ଜଣଙ୍କ ମୃତ୍ୟୁ ଘଟିଥିଲା ।

## ରମ୍‌ଜାନ୍ - ମୁନ୍

ପବିତ୍ର ରମ୍‌ଜାନ ମାସ ଆଜିଠାରୁ ଆରମ୍ଭ ହେଉଛି । ଗତକାଲି ଦେଶର କେତେକ ସ୍ଥାନରେ ଚନ୍ଦ୍ର ଦୃଶ୍ୟମାନ ହେବା ପରେ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଆଜି ହେଉଛି ଏହି ପବିତ୍ର ରମ୍‌ଜାନ ମାସର ପ୍ରଥମ ଦିନ । ଇସ୍‌ଲାମିକ୍ କ୍ୟାଲେଣ୍ଡରର ନବମ ମାସରେ ଏହି ପର୍ବ

ପାଳନ କରାଯାଇଥାଏ । ଏହି ଉପବାସର ମାସର ସମାପ୍ତି ସହିତ ଇଦ୍-ଉଲ୍-ଫିତର୍ ପାଳିତ ହୋଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପବିତ୍ର ରମ୍‌ଜାନ ମାସ ଆରମ୍ଭ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି' ରମ୍‌ଜାନ ମୁବାରକ ବୋଲି ଉଲ୍ଲେଖ କରି ଏହି ପବିତ୍ର ମାସ' ସମାଜରେ ଭ୍ରାତୃତ୍ୱର ଭାବନାକୁ ଅଧିକ ସଶକ୍ତ କରିବା ସହିତ ଦେଶରେ ଶାନ୍ତି ଓ ସମୃଦ୍ଧିକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# କ୍ରିକେଟ-ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ କୋଲକାତାର ଇଡେନଗାର୍ଡେନ୍‌ରେ ଗ୍ରୁପ୍-ସିର ଫାଇନାଲ ମ୍ୟାଚ୍ ୱେଷ୍ଟଇଣ୍ଡିଜ ଏବଂ ଇଟାଲୀ ମଧ୍ୟରେ ଜାରି ରହିଛି । ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୬୫ ରନ୍ ସ୍କୋର କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଇଟାଲୀ ୯ ଓଭରରେ ୪ ୱିକେଟ୍ ବିନିମୟରେ ୫୭ ରନ୍ ସ୍କୋର କରିଥିବା ଜଣାପଡିଛି ।

ଆଜି କଲମ୍ବୋରେ ଅପରାହ୍ନ ୩ଟାରେ ଶ୍ରୀଲଙ୍କା ଓ ଜିମ୍ବାୱେ ମଧ୍ୟରେ ଏବଂ ଚେନ୍ନାଇର ଏମ୍.ଏ ଚିଦାମ୍ବରମ୍ ଷ୍ଟାଡୟିମ୍‌ଠାରେ ସଂଧ୍ୟା ୭ଟାରେ ଆଫଗାନିସ୍ତାନ ଓ କାନାଡ଼ା ମଧ୍ୟରେ ମୁକାବିଲା ହେବ ।

ଗତକାଲି ଭାରତ ନେଦରଲ୍ୟାଣ୍ଡ୍ସକୁ ୧୭ ରନ୍‌ରେ ପରାସ୍ତ କରିଛି ।

ଆସନ୍ତା ରବିବାର ଦିନ ସୁପର୍ ଏଇଟ୍ ପର୍ଯ୍ୟାୟରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଅହମ୍ମଦାବାଦଠାରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ।

## ୱିମେନ୍‌ସ ଟି-୨୦

ମହିଳା କ୍ରିକେଟ୍‌ରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍ ଜାରି ରହିଛି । ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଖବର ପ୍ରସ୍ତୁତ ହେଲାବେଳକୁ ଅଷ୍ଟ୍ରେଲିଆ ୧ ଓଭରରେ କୌଣସି ୱିକେଟ୍ ନହରାଇ ୩ ରନ୍ ସଂଗ୍ରହ କରିଛି । ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଗତ ରବିବାର ସିଡ୍‌ନୀଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ' ଅଷ୍ଟ୍ରେଲିଆକୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଅଗ୍ରଣୀ ରହିଛି ।